## ସଂକ୍ଷେପରେ

### ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ଚନ୍ଦାହାଣ୍ଡି, ୧୦।୮ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଅଧୀନ ଚନ୍ଦାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ସ୍ଥାନୀୟ ପୋଲିସ ଛବିଲାଲ ନାଗ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୫ ତାରିଖରେ ନାବାଳିକା ଜଣଙ୍କ ଶୌଚ ପାଇଁ ସନ୍ଧ୍ୟାରେ ବାହରକୁ ଯାଇଥିବାବେଳେ ଛବିଲାଲ ତାଙ୍କୁ ଅପହରଣ କରି ନେଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ ୧୧୫/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ରବିବାର ପୋଲିସ ଉଭୟଙ୍କୁ ଠାବ କରିଥିଲା। ନାବାଳିକାଙ୍କୁ ଉଦ୍ଧାର କରିବା ସହ ପୋଲିସ ଯୁବକଙ୍କୁ ଗିରଫ କରିଛି। ସୋମବାର ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ଛବିଲାଲଙ୍କୁ ଜେଲକୁ ପଠାଯାଇଥିବା ସୂଚନା ମିଳିଛି।

### ଜୀବନବିନ୍ଦୁ କାର୍ଯ୍ୟକ୍ରମରୁ ୨୦ୟୁନିଟ ରକ୍ତ ସଂଗ୍ରହ

କୋରୁକୋଣ୍ଡା, ୧୦।୮ (ଡି.ଏନ୍.ଏ.) ମାଲକାନଗିରି ଜିଲା ବିଜେଡି ପକ୍ଷରୁ କୋରୁକୋଣ୍ଡା ବ୍ଲକ୍‌ର ପଞ୍ଚାୟତ ଅଫିସ ପ୍ରକୋଷ୍ଠରେ ‘ଓଡିଶା ମୋ ପରିବାର’ ଆନୁକୂଲ୍ୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମାଡ଼କାମିଙ୍କ ସମେତ ବିଧାୟକ ତଥା ବିଜେଡି ଜିଲା ସଭାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରୁକୋଣ୍ଡା ବିଜେଡି ବ୍ଲକ୍ ସଭାପତି ସତ୍ୟ ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ। ଶିବିରରୁ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ସ୍ଥାନୀୟ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ବଂଶୀଧର ମୁଦୁଲି, ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା, ଶଙ୍କର ଚନ୍ଦ୍ର ଶାହା, ଲମ୍ବୋଦର ତୁରୁକ, ହୃଷୀକେଶ ପଣ୍ଡା, ବିଜେଡି ନେତା ମହେଶ ବାକା, ଉମାଶଙ୍କର ସାହୁଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

### ମାଲକାନଗିରି ଜିଲାରୁ ୩୮ ପଜିଟିଭ ଚିହ୍ନଟ

ମାଲକାନଗିରି, ୧୦।୮ (ଡି.ଏନ୍.ଏ.): ମାଲକାନଗିରି ଜିଲାରୁ ୩୮ ନୂଆ ପଜିଟିଭ ଚିହ୍ନଟ ହୋଇଛି। ମାଲକାନଗିରି ପୌରାଞ୍ଚଳରୁ ୧୩ ଜଣ, ମାଥିଲି ବ୍ଲକ୍‌ରୁ ୩, ବାଲିମେଳା ଏନ୍ଏସି ଅଞ୍ଚଳରୁ ୭, କୋରୁକୋଣ୍ଡାରୁ ୨, ମାଲକାନଗିରିରୁ ୩, କଲିମେଳାରୁ ୨ ଏବଂ ଚିତ୍ରକୋଣ୍ଡା ବ୍ଲକ୍‌ରୁ ୮ ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ମାଲକାନଗିରି ପୌରାଞ୍ଚଳରୁ ଚିହ୍ନଟ ୧୩ଜଣଙ୍କ ମଧ୍ୟରୁ ୧୦ ନଂ. ୱାର୍ଡ ୧୧୯ କଲୋନୀରୁ ୨ଜଣ, କୁମ୍ଭିଟିଗୁଡ଼ାରୁ ଜଣେ, ୮ନଂ. ୱାର୍ଡ ସାମ୍ଭାୟାଗୁଡ଼ାରୁ ଜଣେ, ୧୩ନଂ. ୱାର୍ଡ ଡିଏନ୍‌କେ ଛକରୁ ଜଣେ, ଜେଡ୍ଏ କଲୋନୀରୁ ଜଣେ, ୧୧ନଂ ୱାର୍ଡ ବାଲିମେଳା ଛକରୁ ୨, ୪ନଂ. ୱାର୍ଡ ପୁରୁଣାପୋଷ୍ଟ ଅଫିସ ସାହିରୁ ଜଣେ, ୭ନଂ. ୱାର୍ଡ ପାତ୍ରଗୁଡ଼ାରୁ ୨, ୪ନଂ. ୱାର୍ଡ ଜେଲ୍ ସାହିରୁ ଜଣେ ଏବଂ ୬ନଂ ୱାର୍ଡ ମାଲିଗୁଡ଼ାରୁ ଜଣେ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୯୨୬ରେ ପହଞ୍ଚିଛି।

# ଜୀବନ ଜୀବିକା ବଞ୍ଚାଇବା ପାଇଁ ବଦଳିଲା କଟକଣା

- ମାଲକାନଗିରି ପୌରାଞ୍ଚଳ, ବାଲିମେଳା ଏନ୍ଏସି ଅଞ୍ଚଳରେ ଖୋଲିବ ବିଭିନ୍ନ ଦୋକାନ
- ଏ, ବି, ସି ଫର୍ମୁଲାରେ ବିଭକ୍ତ ହେଲା ଦୋକାନ

ମାଲକାନଗିରି/କୋରୁକୋଣ୍ଡା, ୧୦।୮ (ଡି.ଏନ୍.ଏ.):

ଡି.ଏନ୍.ଏ.): ମାଲକାନଗିରି ଜିଲାରେ କରୋନା ସଂକ୍ରମଣ ବଢୁଛି। ଗତ ଚାରିଦିନ ମଧ୍ୟରେ ୨୦୦ରୁ ଉର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ଇତିମଧ୍ୟରେ ୯୨୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କେବଳ ମାଲକାନଗିରି ପୌରାଞ୍ଚଳରେ ୫ଶହରୁ ଉର୍ଦ୍ଧ୍ୱ ସଂକ୍ରମିତ ରହିଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୭ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହିପରି ମାଲକାନଗିରି ପୌରାଞ୍ଚଳ ଏବଂ ବାଲିମେଳା ଏନ୍ଏସିକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ତେବେ ଅନ୍ୟ ଦୋକାନଗୁଡ଼ିକ ବନ୍ଦ ଯୋଗୁ ବ୍ୟବସାୟୀମାନଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ତେଣୁ ରବିବାର ଜିଲା ପ୍ରଶାସନ ପକ୍ଷରୁ କଟକଣାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ମାଲକାନଗିରି ପୌରାଞ୍ଚଳ ଏବଂ ବାଲିମେଳା ଏନ୍ଏସି ଅଞ୍ଚଳରେ ବିଭିନ୍ନ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ କେଉଁ ଦୋକାନ ସପ୍ତାହରେ କେତେଦିନ ଖୋଲିବ ସେ ନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୋକାନଗୁଡ଼ିକୁ ୩ଭାଗରେ ବିଭକ୍ତ କରାଯାଇଛି। କ୍ୟାଟେଗୋରି-୧ରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ରାଶନ ସାମଗ୍ରୀ, ଔଷଧ, କ୍ଷୀର, ଆମିଷ, ପରିବା, ମିଠା, ଫଳ, ସାର, ରୋଗ ନିଦାନ କେନ୍ଦ୍ର, ବେକେରିକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି କ୍ୟାଟେଗୋରି-୨ରେ ବହି, ଜେରକ୍ସ, ଗ୍ୟାରେଜ, ମୋବାଇଲ ଦୋକାନ, ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ, ବାସନକୁସନ, ଫ୍ୟାନ୍ସି ଷ୍ଟୋର, ପ୍ଲାଇଉଡ୍, ସାଇକେଲ ଦୋକାନ, ରେଷ୍ଟୋରାଁ(କେବଳ ପାର୍ସଲ ନେବାପାଇଁ), ପୂଜାଭଣ୍ଡାର, ହାର୍ଡୱେର, ଫ୍ଲେକ୍ସ/ଆର୍ଟ, ଫାଷ୍ଟ ଫୁଡ୍(କେବଳ ପାର୍ସଲ ନେବା ଏବଂ ହୋମ୍ ଡେଲିଭରି), ହୋଲ୍‌ସେଲ/ଡିସ୍‌ପୋଜାଲ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ କ୍ୟାଟେଗୋରି-୩ରେ ସେଲୁନ୍, ବିୟୁଟି ପାର୍ଲର, କପଡ଼ା ଦୋକାନ, ଟେଲର ଦୋକାନ, ଚା’ ଦୋକାନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି କ୍ରମରେ କ୍ୟାଟେଗୋରି-୧କୁ ଏ, କ୍ୟାଟେଗୋରି-୨କୁ ବି ଏବଂ କ୍ୟାଟେଗୋରି-୩କୁ ସି ଅକ୍ଷରରେ ନାମିତ କରାଯାଇଛି। ଦୋକାନଗୁଡ଼ିକରେ ଏ, ବି ଏବଂ ସି ଉଲ୍ଲେଖ କରାଯାଇଥିବାବେଳେ ‘ଏ’ ଅକ୍ଷର ଚିହ୍ନଟ ଦୋକାନ ସପ୍ତାହରେ କେବଳ ସୋମବାର ଓ ବୁଧବାର ଖୋଲିବ। ସେହିପରି ‘ବି’ ଚିହ୍ନିତ ଦୋକାନଗୁଡ଼ିକ ମଙ୍ଗଳବାର ଏବଂ ଗୁରୁବାର ଖୋଲିବ। ସେହିପରି ଶୁକ୍ରବାର କେବଳ କ୍ୟାଟେଗୋରି-୧ରେ ରହିଥିବା ଦୋକାନଗୁଡ଼ିକ ଖୋଲିବ। ଏହି ଦୋକାନଗୁଡ଼ିକ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବ। ତେବେ କ୍ୟାଟେଗୋରି-୩ ତଥା ‘ସି’ ରେ ରହିଥିବା ଦୋକାନଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ରହିଛି। ସେହିପରି ଔଷଧ ଦୋକାନ ଏବଂ ରୋଗ ନିଦାନ କେନ୍ଦ୍ରଗୁଡ଼ିକ ଅଡ୍(ଏ)-ଇଭେନ୍(ବି) ଫର୍ମୁଲାରେ ଦିନେ ଛାଡ଼ି ଦିନେ ଖୋଲିବ ବୋଲି ସୂଚନା ମିଳିଛି। ତେବେ ଦୋକାନ ଖୋଲିବା ସମୟରେ କୋଭିଡ୍ ନିୟମ ମାନିବା ବାଧ୍ୟତାମୂଳକ କରାଯାଇଛି ।

# ୨୯୮ କେଜି ଗଞ୍ଜେଇ ଜବତ, ୨ଗିରଫ

ଗୁଣପୁର, ୧୦।୮ (ଡି.ଏନ୍.ଏ.):



ଜବତ ଗଞ୍ଜେଇ ସହ ଅଭିଯୁକ୍ତ।

ରାୟଗଡ଼ା ଜିଲା ରାମନାଗୁଡା ଫାଣ୍ଡି ଅଧୀନ ବାଙ୍ଗି ଛକରୁ ରାମନାଗୁଡା ପୋଲିସ ରବିବାର ରାତିରେ ଏକ ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ବରେଲି ଅଞ୍ଚଳର ବୀର ସିଂ(ଚାଳକ) ଏବଂ ରାୟଗଡ଼ା ଜିଲା ରାମନାଗୁଡ଼ା ଅଞ୍ଚଳର ଜିତେନ୍ଦ୍ର ପାତିକା। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୧ଟା ସମୟରେ ଗୁମୁଡ଼ା ଅଞ୍ଚଳରୁ ଏକ ଟ୍ରକ୍ ଦ୍ରୁତଗତିରେ ଆସୁଥିଲା। ରାମନାଗୁଡ଼ା ଫାଣ୍ଡି ଅଧିକାରୀ କୃତିବାସ ହରିଚନ୍ଦନ ଗାଡ଼ିଟିକୁ ବାଙ୍କି ଛକରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ୮ବସ୍ତା ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଟ୍ରକ୍‌କୁ ସୁରକ୍ଷା ଦେଇ ପଛରେ ଏକ ବୋଲେରୋରେ କିଛିଜଣ ଯାଉଥିବାବେଳେ ପୋଲିସ ସହ ଯୁକ୍ତିତର୍କ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ବୋଲେରୋରେ ସେମାନେ ଫେରାର ହୋଇଥିଲେ। ପୋଲିସ ଟ୍ରକ୍‌ଟିକୁ ଜବତ କରି ଗୁଣପୁର ଥାନାକୁ ଆଣିଛି। ଗଞ୍ଜେଇ ଗଜପତି ଜିଲାର ରାଇପଙ୍କା ଅଞ୍ଚଳରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିଲା। ପୋଲିସ ଗିରଫ ୨ଜଣଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ୪ହଜାର୧ଶହ ଟଙ୍କା, ଏଟିଏମ୍ କାର୍ଡ ଜବତ କରିଛି। ସେହିପରି ଜବତ ଗଞ୍ଜେଇର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ଖବରଦାତା ସମ୍ମିଳନୀରେ ଏସଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ଏହି ସମୟରେ ଗୁଣପୁର ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# ପ୍ରଶାସନକୁ ଦାବି ଜଣାଇଲା ବଣିକ ସଂଘ


ବଣିକ ସଂଘର ସଦସ୍ୟମାନେ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି ।

ମାଲକାନଗିରି, ୧୦।୮ (ଡି.ଏନ୍.ଏ.):

ମାଲକାନଗିରି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏଥିପାଇଁ ଅନେକ କଟକଣା ଜାରି କରାଯାଇଛି। ତଥାପି ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ରବିବାର ଜିଲା ପ୍ରଶାସନ ପକ୍ଷରୁ ମାଲକାନଗିରି ପୌରାଞ୍ଚଳ ଏବଂ ବାଲିମେଳା ଏନ୍ଏସି ଅଞ୍ଚଳରେ ବିଭିନ୍ନ ଦୋକାନଗୁଡ଼ିକୁ ୩ଭାଗରେ ବିଭକ୍ତ କରାଯାଇ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ କ୍ୟାଟେଗୋରି-୩ରେ ରହିଥିବା ସେଲୁନ୍, ବିୟୁଟି ପାର୍ଲର, କପଡ଼ା ଦୋକାନ, ଟେଲର୍ ଦୋକାନ, ଚା’ ଦୋକାନ ଖୋଲିବାକୁ ଅନୁମତି ମିଳିନାହିଁ। ଅନ୍ୟପକ୍ଷରେ ୪ମାସ ହେଲା ଏହି ଦୋକାନଗୁଡ଼ିକ ବନ୍ଦ ଯୋଗୁ ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଖରାପ ରହିଛି। ଦୋକାନ ଖୋଲିବାକୁ ସେମାନେ ଚାହିଁ ବସିଥିବାବେଳେ ସେମାନଙ୍କ ଅନୁମତି ନ ମିଳିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମାଲକାନଗିରି ପୌରାଞ୍ଚଳ ବଣିକ ସଂଘ ପ୍ରଶାସନର ନିଷ୍ପତ୍ତିକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ସମସ୍ତ ଦୋକାନଗୁଡ଼ିକୁ ଖୋଲିବାକୁ ଅନୁମତି ଦିଆଯାଉ ବୋଲି ଅନୁରୋଧ କରିଛି। ଶତାଧିକ ଦୋକାନୀ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ସମସ୍ୟା ଜଣାଇଥିଲେ। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ସମସ୍ତ ଦୋକାନ ଖୋଲିବାକୁ ଅନୁମତି ଦେବାପାଇଁ ସେମାନେ ଅନୁରୋଧ କରିଛନ୍ତି। ଚାରି ମାସରେ ବ୍ୟବସାୟୀମାନେ ଆର୍ଥିକ ଏବଂ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଛନ୍ତି। ତେଣୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସଂଘ ପକ୍ଷରୁ ସୁରେନ୍ଦ୍ର ପାଢ଼ି, ଦିବାକର ପାଲ, ନିରନ ଦେବନାଥ, ରାମକୃଷ୍ଣ ପଣ୍ଡା, ପି. ଅନିଲ୍, ଲିଲମ ଗଲେଛାଙ୍କ ସମେତ ଶତାଧିକ ବ୍ୟବସାୟୀ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି। ତେବେ ଏ ବିଷୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ତହସିଲଦାର ଗୁଣନିଧି ନାୟକ ପ୍ରକାଶ କରିଛନ୍ତି। ଏଥିସହ ସଂକ୍ରମଣକୁ ରୋକିବା ଦିଗରେ ବ୍ୟବସାୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## କୋରାପୁଟରୁ ୬୭ ସଂକ୍ରମିତ

କୋରାପୁଟ/ଦାମନଯୋଡି, ୧୦।୮ (ସ୍ୱ.ପ୍ର.)

କୋରାପୁଟ ଜିଲାରୁ ସୋମବାର ୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି। ଜିଲାରେ ଆକ୍ରାନ୍ତ ସଂଖ୍ୟା ୧୨୬୪ରେ ପହଞ୍ଚିଛି। ସୋମବାର ଚିହ୍ନଟ ୬୭ ଜଣଙ୍କ ମଧ୍ୟରେ ୫୭ ଜଣ ଘରୋଇ କ୍ୱାରାଣ୍ଟାଇନ ଏବଂ ୧୦ ଜଣ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଜୟପୁର ମ୍ୟୁନିସପାଲଟି ଅଞ୍ଚଳରୁ ୧୯, କୋରାପୁଟ ମ୍ୟୁନିସପାଲଟିରୁ ୧୧, କୋରାପୁଟ ବ୍ଲକରୁ ୧୨, ଦଶମନ୍ତପୁରରୁ ୩, ବନ୍ଧୁଗାଁ, ବୋରିଗୁମ୍ମା, ଜୟପୁର, କୁନ୍ଦୁରା ଓ ନନ୍ଦପୁର ବ୍ଲକରୁ ଜଣେ ଲେଖାଏଁ ଚିହ୍ନଟ ହୋଇଚନ୍ତି। ସେହିଭଳି ଲକ୍ଷ୍ମୀପୁର ଓ ନାରାୟଣପାଟଣା ବ୍ଲକରୁ ୪ ଜଣ ଲେଖାଏଁ, ଲମତାପୁଟ ବ୍ଲକରୁ ୨ ଓ ସେମିଳିଗୁଡା ବ୍ଲକରୁ ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଆନ୍ଧ୍ର, ଜଣେ ଭୁବନେଶ୍ୱର ଓ ଜଣେ ନବରଙ୍ଗପୁର ଫେରନ୍ତା ରହିଥିବା ଜିଲାପାଳ ମଧୁସୁଧନ ମିଶ୍ର ସୂଚନା ଦେଇଛନ୍ତି।

## ରାୟଗଡ଼ା ଜିଲାରେ ପଜିଟିଭ ସଂଖ୍ୟା ୧୫ଶହ ଟପିଲା

### ୨୭ ନୂଆ ସଂକ୍ରମିତ

ରାୟଗଡ଼ାଅଫିସ/ଗୁଣପୁର, ୧୦।୮ (ଡି.ଏନ୍.ଏ.): ରାୟଗଡ଼ା ଜିଲାରୁ ସୋମବାର ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ସହରାଞ୍ଚଳରୁ ୧୩, ଗ୍ରାମାଞ୍ଚଳରୁ ୩, କଲ୍ୟାଣସିଂହପୁରରୁ ୧, ଗୁଣପୁର ସହରାଞ୍ଚଳରୁ ୩, ଗୁଡାରିରୁ ୬, ରାମନାଗୁଡ଼ାରୁ ଜଣେ ଚିହ୍ନଟ ହୋଇଛନ୍ତି। କଣ୍ଟାକ୍ଟ ଟ୍ରେସିଂବେଳେ ୧୬ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସଂକ୍ରମିତଙ୍କ ମଧ୍ୟରେ ଜଣେ କୋଭିଡ୍ ଯୋଦ୍ଧା ରହିଛନ୍ତି। ସେହିପରି ୧୧ଟି ଆଇଏଲ୍ଆଇ (ଇନ୍‌ଫ୍ଲୁଏନ୍‌ଜା ଲାଇକ୍ ଇଲ୍‌ନେସ୍) ଏଣ୍ଡ ସାରି (ସିଭିଅର୍ ଆକ୍ୟୁଟ୍ ରେସ୍‌ପିରେଟରି ଇନ୍‌ଫେକ୍ସନ) ମାମଲା ରହିଥିବା ଜଣାପଡ଼ିଛି। ସମସ୍ତ ସଂକ୍ରମିତ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ସମୟରେ ଚିହ୍ନଟ ହୋଇଛନ୍ତି। ତେବେ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୫୦୬ରେ ପହଞ୍ଚିଛି।

# କରୋନା କଟକଣାକୁ ଫୁଁ କରି ଚାଲିଛି କିଣାବିକା

କୋରୁକୋଣ୍ଡା, ୧୦।୮ (ଡି.ଏନ୍.ଏ.):

ଲକ୍‌ଡାଉନ୍ ପରଠାରୁ ମାଲକାନଗିରି ଜିଲା କୋରୁକୋଣ୍ଡାସ୍ଥିତ ସାପ୍ତାହିକ ହାଟକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ତଥାପି କେତେଜଣ ବ୍ୟବସାୟୀ ରାସ୍ତାକଡ଼ରେ ବସି ପରିବା ବିକ୍ରି କରୁଥିଲେ। ତେବେ ସୋମବାର କୋରୁକୋଣ୍ଡା ଅଞ୍ଚଳରୁ ଜଣେ ସଂକ୍ରମିତ ଚିହ୍ନଟ ହେବାପରେ ଉକ୍ତ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାପରେ କେତେଜଣ ପରିବା ବ୍ୟବସାୟୀ ନିକଟସ୍ଥ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାସ୍ଥିତ ଟେକଗୁଡ଼ାଠାରେ ବ୍ୟବସାୟ ଆରମ୍ଭ କରିଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନ ମିଳିଥିଲେ ମଧ୍ୟ ଏଠାରେ କିଣାବିକା ଚାଲିଛି। ତେବେ ଏଠାରେ ମାସ୍କ ଏବଂ ସାମାଜିକ ଦୂରତା ବିନା ବ୍ୟବସାୟ ଚାଲିଥିବା ଦେଖିବାକୁ ମିଳିଥିଲା। ଅନେକ ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ମଧ୍ୟ ଜମିଥିଲା। ଏଭଳି ଚାଲିଲେ କରୋନା ସଂକ୍ରମଣକୁ ଏଡ଼ାଇଦିଆ ଯାଇ ନ ପାରେ। ସେହିପରି ଏହି ମୁଖ୍ୟରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।


କଟକଣା ଉଲ୍ଲଂଘନ କରି ମୁଖ୍ୟ ରାସ୍ତାରେ ଚାଲିଛି କିଣାବିକା ।

# ନବରଙ୍ଗପୁରରେ ହେବ ରାପିଡ୍ ଆଣ୍ଟିଜେନ ଟେଷ୍ଟ

ନବରଙ୍ଗପୁର, ୧୦।୮ (ବି.ପ୍ର.)

ନବରଙ୍ଗପୁର ଜିଲାରେ ସୋମବାର ପୁଣି ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଉମରକୋଟ ବ୍ଲକରୁ ୧, ଉମରକୋଟ ପୌରାଞ୍ଚଳରୁ ୧୨, ନବରଙ୍ଗପୁର ପୌରାଞ୍ଚଳରୁ ୪ ଓ ତେନ୍ତୁଳିଖୁଣ୍ଟି ବ୍ଲକରୁ ୬ ଜଣ ଆକ୍ରାନ୍ତ ରହିଥିବା ସୂଚନା ମିଳିଛି। ସମସ୍ତଙ୍କୁ ନବରଙ୍ଗପୁରସ୍ଥିତ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଙ୍ଗଳବାରରୁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନମୁନା ପରୀକ୍ଷା ହେବ। କୌଣସି ଲକ୍ଷଣ ନ ଥାଇ ଏବେ ପଜିଟିଭ ଚିହ୍ନଟ ହେଉଛନ୍ତି। ଲୋକେ ଅଧିକାରୁ ଅଧିକ ଯାଇ ପରୀକ୍ଷା କରାନ୍ତୁ ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ନବରଙ୍ଗପୁର ଜିଲାରେ ଆଗାମୀ ଦିନରେ ରାପିଡ ଆଣ୍ଟିଜେନ ଟେଷ୍ଟ କରାଯିବ। ଲୋକେ ଇଚ୍ଛାରେ ଆସି ପରିକ୍ଷା କରାଇ ପାରିବେ। କହାର କୌଣସି ଲକ୍ଷଣ ନାହିଁ ତଥାପି ପଜିଟିଭ ବାହାରୁଛି ତେବେ ସେମାନେ କୌଣସି ଭୟବିତ ହେବାର ନାହିଁ। ଘରେ ରହି ଡାକ୍ତରଙ୍କ ପରାମର୍ଶ ମୁତାବକୁ ଏହାର ଉପଚାର କରିପାରିବେ ବୋଲି ଜିଲାପାଳ କହିଛନ୍ତି। ଯେଉଁମାନଙ୍କ ଲକ୍ଷଣ ରହିବ ସେମାନଙ୍କୁ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ। ନୂଆ କୋଭିଡ କମିଟି ଗଠନ କରାଯାଇଛି। ସେମାନେ ସାମାନ୍ୟ ଲକ୍ଷଣ ଥିବା ଲୋକ ଚିହ୍ନଟ କରି ପଞ୍ଚାୟତସ୍ତରୀୟ କୋଭିଡ କେୟାର ସେଣ୍ଟର ଓ କ୍ଲଷ୍ଟର ଟିଏମ୍‌ସିରେ ମଧ୍ୟ ରଖାଇବେ। ସମସ୍ତଙ୍କ ସହଯୋଗରେ ବହୁଳ ପରିମାଣରେ ଟେଷ୍ଟିଂ ହୋଇ ପାରିବ ବୋଲି ଜିଲାପାଳ କହିଛନ୍ତି।

# ଗାଁରେ ମଦ କାରବାରକୁ ଗ୍ରାମବାସୀଙ୍କ ବିରୋଧ

ଦଶମନ୍ତପୁର, ୧୦।୮ (ଡି.ଏନ୍.ଏ.)

ଗାଁରେ ଚୋରା ମଦ କାରବାରକୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଠେଲପଦର ଗ୍ରାମବାସୀ ବିରୋଧ କରିଛନ୍ତି। ମଦ କାରବାର ବନ୍ଦ ନ କଲେ ବାଧ୍ୟ ହୋଇ ପ୍ରଶାସନର ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀ ବ୍ୟବସାୟୀଙ୍କୁ ଚେତାବନୀ ଦେଇଛନ୍ତି।

ଗାଁରେ ଜଣେ ବ୍ୟକ୍ତି ଦେଶୀମଦ କାରବାର କରୁଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଏ ନେଇ ପଚାରିବାରୁ ସେ ଏହାକୁ ସବୁବେଳେ ମନା କରି ଆସୁଥିଲେ। ସୋମବାର କିନ୍ତୁ ବିରିଘାଟ ଗାଁର ଜଣେ ବ୍ୟକ୍ତି ଠେଲପଦରରୁ ମଦ ନେଇ ଫେରୁଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କିରିଥିଲେ। ଏହାପରେ ମଦ ବ୍ୟବସାୟୀଙ୍କୁ ଗ୍ରାମବାସୀ ଡକାଇ ଗାଁରେ ଦେଶୀମଦ କାରବାର ବନ୍ଦ କରିବାକୁ କହିଥିଲେ। ଏପରି ନ କଲେ ଜିଲାପାଳଙ୍କୁ ଜଣାଇବୁ ବୋଲି ସେ କହିଛନ୍ତି। ଗାଁରେ ମଦ ବ୍ୟବସାୟ ସମ୍ପର୍କରେ ଅବକାରୀ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବ ବୋଲି ଦଶମନ୍ତପୁର ଅବକାରୀ ବିଭାଗ ଅଧିକାରୀ ଉଷା ଗଉଡ଼ କହିଛନ୍ତି।

# କୁଷ୍ଠରୋଗୀ କହି ଗାଁରୁ ବାସନ୍ଦ

ନବରଙ୍ଗପୁର, ୧୦।୮ (ବି.ପ୍ର.)

ହଜିଯାଇଛି ମାନବିକତା। ଜଣେ ବୃଦ୍ଧାଙ୍କୁ ବିନା ଡାକ୍ତରୀ ରିପୋର୍ଟରେ କୁଷ୍ଠରୋଗୀ ଆଖ୍ୟା ଦେଇ ବାସନ୍ଦ କରାଯାଇଛି। ଏପରିକି ଜନ୍ମକଲା ପୁଅ ମଧ୍ୟ ପର କରିଦେଇଛି ପରିଣତ ବୟସରେ। ଅନ୍ୟ କିଛି ଉପାୟ ନ ପାଇ ବୃଦ୍ଧା ଜଣକ ପ୍ରାୟ ୨ମାସ ହେବ ସିମେଣ୍ଟ ନଳାରେ ଜୀବନ ଅତିବାହିତ କରୁଛନ୍ତି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ଏହା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସମ୍ପୃକ୍ତ ବୃଦ୍ଧାଙ୍କର ସ୍ୱାମୀ ୬ବର୍ଷ ତଳେ ମୃତ୍ୟୁ ହୋଇଥିଲା। ଏହାପରେ ସେ ନିଜ ପୁଅ ଓ ବୋହୂଙ୍କ ସହ ରହି ଆସୁଥିଲେ। କିନ୍ତୁ ପ୍ରାୟ ୨ମାସ ତଳେ ସେ ଚାଲି ଚାଲି ଯାଉଥିବାବେଳେ ଝୁଣ୍ଟି ପଡ଼ି ଗୋଡ଼ ଆଙ୍ଗୁଠି ଖଣ୍ଡିଆ ହୋଇଯାଇଥିଲା। ଡାକ୍ତରଙ୍କୁ ନ ଦେଖାଇ ଅବହେଳା କରିବାରୁ ଉକ୍ତ ଆଙ୍ଗୁଠିରେ ପୂଜ ଜମିଯାଇଥିଲା। କିଛିଦିନ ପରେ ଆଙ୍ଗୁଠିଟି ଛିଣ୍ଡିପଡ଼ିଥିଲା। କୁଷ୍ଠରୋଗ ହୋଇଛି କହି ତାଙ୍କୁ ଗାଁରୁ ବାସନ୍ଦ କରିଦିଆଯାଇଥିଲା। ଏହାପରେ ତାଙ୍କ ପୁଅବୋହୂ ମଧ୍ୟ ମା’ଙ୍କୁ ଘରୁ ତଡ଼ି ଦେଇଥିଲେ। ପରିବାର, ବନ୍ଧୁବାନ୍ଧବ, ସାହିପଡ଼ିଶା କାହାଠାରୁ ମଧ୍ୟ ସାହାରା ନ ପାଇ କିଛିଦିନ ଏଣେତେଣେ ବୁଲିବା ପରେ ବାଧ୍ୟହୋଇ କମଳା ଏବେ ଗାଁ ଶେଷ ମୁଣ୍ଡରେ ପଡ଼ିଥିବା ଭଙ୍ଗା ସିମେଣ୍ଟ ନାଳରେ ଆଶ୍ରୟ ନେଇଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ଟଙ୍କିକିଆ ଚାଉଳ ଓ ମଧୁବାବୁ ପେନ୍‌ସନ ଯୋଜନାରୁ ମିଳୁଥିବା ଟଙ୍କାରେ ତାଙ୍କ ଜୀବନ ବିତୁଛି। ଆଗକୁ ପ୍ରବଳ ବର୍ଷା ଥିବାବେଳେ ଅନ୍ୟ କିଛି ଉପାୟ ନ ପାଇ ବିପଦସଙ୍କୁଳଭାବେ ସେ ଏହି ନଳାରେ ପଡ଼ି ରହିଛନ୍ତି। ସେ ଏହି ଅବସ୍ଥା ବିଷୟରେ ୱାର୍ଡମେମ୍ବର, ସରପଞ୍ଚ ପ୍ରମୁଖ ଜାଣି ମଧ୍ୟ ଚୁପ୍ ରହିଛନ୍ତି। ବିନା ଡାକ୍ତରୀ ପରୀକ୍ଷାରେ ଜଣଙ୍କୁ କୁଷ୍ଠ ରୋଗୀର ଆଖ୍ୟା ଦେଇ ବାସନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠୁଛି। ଏ ନେଇ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିକାଶ ବାରିକଙ୍କୁ ପଚାରିବାରୁ ଏଭଳି କୌଣସି ଘଟଣା ସମ୍ପର୍କରେ ସୂଚନା ମିଳିନାହିଁ। ଖବର ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ତାଙ୍କ ପାଖକୁ ପଠାଯିବ ବୋଲି ସେ କହିଛନ୍ତି। ଏନେଇ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ପାଇ ନାହିଁ ବୋଲି ସେ କହିଥିଲେ। ଏବେ ଉପଜିଲାପାଳ ଗାଁକୁ ଯାଇ ଘଟଣାର ତଦନ୍ତ କରି ରିପୋର୍ଟ ଦେବେ। ତାଙ୍କ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

### ନଳା ଭିତରେ ବିତୁଛି ଜୀବନ



# ଅଧକୋଟି ଟଙ୍କାର ଗଞ୍ଜେଇ ଜବତ

ଜୟପୁର, ୧୦।୮ (ନି.ପ୍ର/ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତମାନେ।

ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରି ୪ ଜଣକୁ ଗିରଫ କରିଛି। ସେମାନେ ହେଲେ ଜଲାପୁଟର ସୁଦର୍ଶନ ପାଣିଗ୍ରାହୀ(୨୮) ସେମିଳିଗୁଡାର ଚନ୍ଦ୍ରଶେଖର ଖରା (୩୦), ମାଛକୁଣ୍ଡ ଅଞ୍ଚଳର ରଞ୍ଜନ ଗଡଙ୍ଗା (୨୩) ଓ ଗୋପୀନାଥ ନିରିକା (୨୩)। ପୋଲିସ ସେମାନଙ୍କଠାରୁ ୯ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଏବଂ ନଗଦ ୩ଲକ୍ଷ୧୦ ହଜାର ଟଙ୍କା ଜବତ କରିଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫୦ଲକ୍ଷ ବୋଲି ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଠପାଲ୍ଲି ସୋମବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କୋରାପୁଟ ଜିଲା ଜଲାପୁଟରୁ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁର ସୂଚନା ପାଇ ପାତ୍ରପୁଟରେ ଚଢାଉ କରିଥିଲା। ଏହି ସମୟରେ ଏକ ଟ୍ରକ୍ (ଡବ୍ଲୁବି-୦୨ଜି-୬୭୩୨) ଓ ଏହାକୁ ସୁରକ୍ଷା ଦେଉଥିବା ଏକ ବୋଲେରୋ (ଓଡି-୩୩ଡବ୍ଲ୍ୟୁ-୩୬୯୦)କୁ ଅଟକାଇ ପୋଲିସ ଯାଞ୍ଚ କରିଥିଲେ। ସେଥିରୁ ୧୮୧ ପ୍ୟାକେଟରେ ୯କୁଇଣ୍ଟାଲ ୩୭ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ୭ଟି ମୋବାଇଲ ଓ ନଗଦ ୩ ଲକ୍ଷ୧୦ ହଜାର ଟଙ୍କା ଜବତ କରିଛି। ଚାଲାଣରେ ବ୍ୟବହୃତ ଟ୍ରକ୍ ଓ ବୋଲେରୋକୁ ସଦର ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱସ୍ତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମାଧମ କରୁଛନ୍ତି ମାଫିଆ

ଜୟପୁର, ୧୦।୮ (ଡି.ଏନ୍.ଏ.)

ଗଞ୍ଜେଇ କାରବାରରେ ଟଙ୍କା ନେଣଦେଣକୁ ପୋଲିସ ନଜରରୁ ବଞ୍ଚାଇ ରଖିବା ପାଇଁ ମାଫିଆମାନେ ନିଜ ବିଶ୍ୱସ୍ତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଛନ୍ତି। ଏଥିସହ ସେମାନେ ନିଜ ନାଁରେ ବିଭିନ୍ନ ବ୍ୟାଙ୍କରେ ମଧ୍ୟ ଆକାଉଣ୍ଟ ଖୋଲିଛନ୍ତି। ଏହି ଆକାଉଣ୍ଟ ସବୁରୁ ଟଙ୍କା ନେଣଦେଣ କରାଯାଉଛି।

କୋରାପୁଟ ଜିଲା ଜୟପୁର ସଦର ଥାନା ପୋଲିସ ରବିବାର ବିହାରକୁ ଚାଲାଣ ହେଉଥିବା ପ୍ରାୟ ୫୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚାଲାଣ ପାଇଁ ଦଲାଲ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଟଙ୍କା ନେଣଦେଣ ସିଧାସଳଖ ହେଉଛି। ନିଜର ଏକାଧିକ ଆକାଉଣ୍ଟ ସହ ବିଶ୍ୱସ୍ତ ଲୋକଙ୍କ ବ୍ୟାଙ୍କ ଜମାଖାତାକୁ ମାଫିଆମାନେ ମାଧ୍ୟମ କରୁଥିବା ପୋଲିସ କହିଛି। ଏ ନେଇ ରବିବାର ଗଞ୍ଜେଇ ଚାଲାଣ ଘଟଣାରେ ଗିରଫ ଅଭିଯୁକ୍ତମାନେ ସ୍ୱୀକାରୋକ୍ତି କରିଛନ୍ତି। ରବିବାର ଗଞ୍ଜେଇ ଚାଲାଣ ଘଟଣାରେ ଗିରଫ ହୋଇଥିବା ମାଛକୁଣ୍ଡ ଥାନା ଜଲାପୁଟ ଗ୍ରାମର ସୁଦର୍ଶନ ପାଣିଗ୍ରାହୀଙ୍କ ଏକ ବ୍ୟାଙ୍କ ଜମାଖାତା ଯାଞ୍ଚ କରିବାରୁ କିଛିଦିନ ତଳେ ଗୋଟିଏ ଦିନରେ ବିହାରରୁ ୧୮ ଲକ୍ଷ ଟଙ୍କା ଜମା ହୋଇଥିବା ଜଣାପଡିଥିଲା। ସେହିଭଳି ଅନ୍ୟ ଏକ ଜମା ଖାତାରେ ୭ଲକ୍ଷ ଟଙ୍କା ରହିଛି। ସୁଦର୍ଶନଙ୍କର ଅନ୍ୟ ଦୁଇଟି ଆକାଉଣ୍ଟ ଓ ତାଙ୍କ ବିଶ୍ୱସ୍ତ ଲୋକଙ୍କ ଜମାଖାତା ଯାଞ୍ଚ ହେଉଥିବା ପୋଲିସ କହିଛି। ସେହିଭଳି ଅଭିଯୁକ୍ତ ଗୋପୀନାଥ ନିରିକାଙ୍କ ବିଭିନ୍ନ ଆକାଉଣ୍ଟରେ ମଧ୍ୟ ଲକ୍ଷାଧିକ ଟଙ୍କା ଜମା ହୋଇଛି। ଗୋପୀନାଥଙ୍କ ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେଉଥିବା ପୋଲିସ କହିଛି। ଟଙ୍କା ସବୁ ବିହାରର ଗଞ୍ଜେଇ ବ୍ୟବସାୟୀମାନେ ଜମା କରିଥିବା ସେମାନେ କହିଛନ୍ତି। ଏହି ଟଙ୍କା ସବୁ ମାଛକୁଣ୍ଡ ଜଳଭଣ୍ଡାର ଅପରପାର୍ଶ୍ୱ ଆନ୍ଧ୍ରପ୍ରଦେଶରେ ବେଆଇନ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପ୍ରଦାନ କରାଯାଇଥାନ୍ତା ବୋଲି ସୂଚନା ମିଳିଛି। ସେହିପରି ଗଞ୍ଜେଇଗୁଡ଼ିକୁ ପଲିଥିନ ବସ୍ତାରେ ବନ୍ଧାଯାଇ ଡଙ୍ଗାରେ ଜଳଭଣ୍ଡାର ଦେଇ ଜଲାପୁଟ ଅଞ୍ଚଳକୁ ଅଣାଯାଇ ଥାଏ। ୩ରୁ ୫ କିଲୋଗ୍ରାମ ପ୍ୟାକେଟ କରାଯାଇ ଜିଲା ଓ ରାଜ୍ୟ ବାହାରକୁ ପଠାଯାଇଥାଏ।

